## ନିର୍ଯାତନା ମାମଲାରେ ୩ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ୍:** ବିବାହ ପ୍ରଲୋଭନ ଦେଖାଇ ନିର୍ଯାତନା ଦେବା ମାମଲାର ଶୁଣାଣି କରି ବୁଧବାର ଜେଏମ୍ଏଫ୍‌ସି ଶୁଭଶ୍ରୀ ମଲ୍ଲ ୩ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୨ରେ ଜଣେ ଯୁବତୀଙ୍କୁ ସୀମାଞ୍ଚଳ ସାହୁ ବିବାହ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସୀମାଞ୍ଚଳ, ତାଙ୍କ ମା' ସରୋଜିନୀ ଓ ମାମୁ ରାଜେନ୍ଦ୍ର ଯୁବତୀଙ୍କୁ ନିର୍ଯାତନା ଦେଉଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପରେ ସମସ୍ତଙ୍କୁ କୋର୍ଟରୁ ଜାମିନ୍ ମିଳିଥିଲା। ମାମଲାର ଶୁଣାଣି ବେଳେ ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ଅଭାବ ଯୋଗୁ ୩ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

# ଆଜିଠୁ କୋଭିଡ୍ ସପ୍ତାହ, ସ୍କ୍ରିନିଂ ସହ ଟେଷ୍ଟିଂ ହେବ

**ଛତ୍ରପୁର(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ୍,୨୩।୯**


ଜିଲାପାଳ ଯାଞ୍ଚ କରୁଛନ୍ତି।

ଗଞ୍ଜାମରେ କରୋନା ସ୍ଥିତିରେ ସୁଧାର ଆସିଛି। ଏନେଇ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ଭିଡିଓ ବାର୍ତ୍ତାରେ ଧନ୍ୟବାଦ ଜଣାଇଛନ୍ତି। ଏବେବି ବିପଦ ଟଳିନି, ଜିଲାର କେତେଜଣ ଲୋକ ସମ୍ପୂର୍ଣ୍ଣ ଭୟମୁକ୍ତ ହୋଇ ସଚେତନତା ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅନ୍ୟ ଜିଲାକୁ ଯିବା ଆସିବା କରୁଛନ୍ତି। ବସ୍ ଅଟୋଗୁଡିକରେ ସଚେତନତା ନିୟମ ପାଳନ ହେଉନାହିଁ। ଯଦି ସଚେତନତା ପଦକ୍ଷେପ ଗ୍ରହଣ କରାଯାଏ ନାହିଁ, ତେବେ ପୁନର୍ବାର କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବା ସହ ଅନେକ ଜୀବନ ନଷ୍ଟ ହେବ। ଏଣୁ ଜିଲାବାସୀଙ୍କୁ ସତର୍କତା ଅବଲମ୍ବନ କରିବାକୁ ପଡିବ। ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଓ ପଡୋଶୀ ଜିଲା ଗଜପତି ଓ କନ୍ଧମାଳକୁ ଯାତାୟାତ କରୁଥିବା ଯାତ୍ରୀଙ୍କ ନିମନ୍ତେ ଅନେକ ସଚେତନତା ପଦକ୍ଷେପ ଗ୍ରହଣ କରିବାକୁ ହେବ ବୋଲି ଜିଲାପାଳ କହିଛନ୍ତି। ଗଞ୍ଜାମ ଓ ଗଜପତି ଜିଲାକୁ ଛାଡି ରାଜ୍ୟର ଅନ୍ୟ ସମସ୍ତ ଜିଲାରେ ସଂକ୍ରମଣ ବୃଦ୍ଧି ପାଇଛି। ସଂକ୍ରମଣ ବୃଦ୍ଧି ପାଉଥିବା ଜିଲାରୁ ଆସୁଥିବା ବ୍ୟକ୍ତି ଓ ଏହି ଜିଲାରୁ ଅନ୍ୟ ଜିଲାକୁ ଯାତାୟାତ କରୁଥିବା ବ୍ୟକ୍ତିଙ୍କ ଉପରେ କଡା ଦୃଷ୍ଟି ରଖିବାକୁ ସମସ୍ତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର ଜନ ସଚେତନତା ଓ ଚଡାଉକୁ ବ୍ୟାପକ କରିବେ। ସ୍ୱାସ୍ଥ୍ୟ ଅଧିକାରୀ ଘରେ ଏକାନ୍ତବାସରେ ଥିବା ଆକ୍ରାନ୍ତଙ୍କ ସମ୍ପର୍କରେ ଜୁମ୍ ମିଟିଂ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଖବର ରଖିବେ। ଯେଉଁ ଅଞ୍ଚଳରେ କୋଭିଡ୍ ସଂକ୍ରମଣ ଦେଖାଯାଉଛି ସେହି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରି ଦୃଷ୍ଟି ରଖିବା ପାଇଁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ କାର୍ଯ୍ୟାଳୟ କୋଭିଡ୍ ସଂକ୍ରମଣ ବିହୀନ ହେବ ବୋଲି ଜିଲାପାଳ ଆଶା ରଖିଛନ୍ତି। ଜିଲାରେ କୋଭିଡ୍ ସପ୍ତାହ ଚଳିତ ମାସ ୨୪ ତାରିଖଠାରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ବର୍ତ୍ତମାନ ସମୟରେ ଜିଲାରେ କରୋନା ସଂକ୍ରମଣ କମିଆସିଛି, କିନ୍ତୁ ଏହା ସମ୍ପୂର୍ଣ୍ଣ ଲୋପ ପାଇନାହିଁ। ଅକ୍ଟୋବର ଜିଲାବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସ୍ଥିତିରେ ଜିଲାବାସୀ ସମ୍ପୂର୍ଣ୍ଣ ଭୟମୁକ୍ତ ହୋଇ ସଚେତନତା ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଜିଲାବାସୀଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେବା ସହ କୋଭିଡ୍ ସପ୍ତାହରେ ସମସ୍ତ ସଚେତନତା କାର୍ଯ୍ୟକୁ କଡାକଡି କରାଯିବ। ବ୍ୟକ୍ତି ଯେପରି ସଂକ୍ରମିତ ହେବେ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ। କୋଭିଡ୍ ସପ୍ତାହ ଅବସରରେ ସମସ୍ତ ପଞ୍ଚାୟତ, ବ୍ଲକ,ବିଜ୍ଞାପିତ ଅଞ୍ଚଳ ଓ ସହରାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ। ସମସ୍ତ ଜନ ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରି ଗ୍ରାମାଞ୍ଚଳରେ କୋଭିଡ୍ ମନିଟର୍ ସହ ବିଡିଓ ଓ ସମସ୍ତ

### ଗଞ୍ଜାମକୁ ଆସୁଥିବା ଲୋକଙ୍କ ଉପରେ ଦୃଷ୍ଟି ନିର୍ଦ୍ଦେଶ

### ୩.୯୫ ଲକ୍ଷ ଲୋକଙ୍କ ହେଲାଣି ଟେଷ୍ଟ

କୋଭିଡ୍ ସଖୀଙ୍କୁ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ ଜରିଆରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବେ। ପୂର୍ବପରି ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ଆଶାକର୍ମୀ ଟିମ୍ ଦ୍ୱାରା ଘରକୁ ଘର ବୁଲି ସ୍କ୍ରିନିଂ କରିବେ। ସମସ୍ତଙ୍କ ଲକ୍ଷଣ ଓ ଅକ୍ସିଜେନସ୍ତର ପରୀକ୍ଷା କରାଯିବ। ସପ୍ତାହର ଗୋଟିଏ ଦିନ ପ୍ଲାକାର୍ଡ ଧରି ସାମାଜିକ ଦୂରତ୍ୱ ବଜାୟ ରକ୍ଷାକରି, ମାସ୍କ ପରିଧାନ ପୂର୍ବକ ମାସ୍କ ରାଲି ଅନୁଷ୍ଠିତ ହେବ। କୋଭିଡ୍ ବିଷୟ ବସ୍ତୁକୁ ଆଧାର କରି କୋଭିଡ୍‌ର ସ୍ଲୋଗାନ, ବକ୍ତୃତା, ଚିତ୍ରାଙ୍କନ ଓ କବିତା ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ଲକସ୍ତରରେ ଏବଂ ଜିଲାସ୍ତରରେ ଆସନ୍ତା ମାସ ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଗାନ୍ଧୀ ଜୟନ୍ତୀରେ ବିଜୟ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ସପ୍ତାହ ବ୍ୟାପୀ ସମସ୍ତ ଅଞ୍ଚଳରେ କୋଭିଡ୍ ସଚେତନତା ରଥ ପରିଭ୍ରମଣ କରି ସଚେତନତା ବାର୍ତ୍ତା ପ୍ରଚାର ଓ ପ୍ରସାର କରିବ। ସପ୍ତାହ ବ୍ୟାପୀ ସମସ୍ତ ଦୋକାନରେ ୫ ସୂତ୍ରୀ ନିୟମ ପାଳନ କରାଯାଉଛି କି ନାହିଁ ତାହା କଡାକଡି କରାଯିବ। ଜିଲାର ସମସ୍ତ ଜନ ସାଧାରଣ ଯେପରି ମାସ୍କ ବିନା ବାହାରକୁ ଯିବେ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ। କାର୍ଯ୍ୟାଳୟ ଗୁଡିକରେ କୋଭିଡ ସଂକ୍ରମଣ ଦିଗରେ କିଭଳି ପଦକ୍ଷେପ ନିଆଯାଇଛି ତାହା ତଦାରଖ କରାଯିବ ଏବଂ ସଚେତନତା ଦିଗରେ ଉତ୍ତମ କାର୍ଯ୍ୟ କରିଥିବା କାର୍ଯ୍ୟାଳୟ ଗୁଡିକରେ ଷ୍ଟିକର ଲଗାଯାଇ ଉତ୍ସାହିତ କରାଯିବ। ଗଞ୍ଜାମରେ ନୂଆ ୭୧ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ଦେଇଛନ୍ତି। ସେଥିରେ ୧୧ କରୋନା ଯୋଦ୍ଧା ରହିଛନ୍ତି। ଅପରପକ୍ଷରେ ୧୭ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମର ୧୯୭୮୧ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେଥିରୁ ୧୯୨୫୪ ଜଣ ସୁସ୍ଥ ହୋଇଛନ୍ତି। ଏବେ ଗଞ୍ଜାମରେ ୩୦୧ କରୋନା ଆକ୍ରାନ୍ତ ଆକ୍ଟିଭ ଅଛନ୍ତି। ଏଥିସହ କରୋନାରେ ୨୧୮ ଜଣଙ୍କ ମୃତ୍ୟୁ ହୋଇଛି। ଅଣ କୋଭିଡ୍‌ରେ ୮ ଜଣଙ୍କ ମତ୍ୟୁ ହୋଇଛି। ମଙ୍ଗଳବାର ଦିନକରେ ୫୧୭୬ ଜଣଙ୍କ କରୋନା ଟେଷ୍ଟ କରାଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗଞ୍ଜାମରେ ୩୯୫୦୧୬ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ଜମି ହଡ଼ପ ନେଇ ଜିଲାପାଳଙ୍କୁ ଚିଠି

**ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା କୁମ୍ଭାରିଗାଁ ପଞ୍ଚାୟତରେ ବାରମ୍ବାର ଜମିବିବାଦ ଦେଖାଯାଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ଜିଲାପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କୁମ୍ଭାରିଗାଁ ପଞ୍ଚାୟତ ଗୁଡ଼ିକିଆ ମୌଜାର ଖାତା ନମ୍ବର ୧୬୧ ପ୍ଲଟ ନମ୍ବର ୨୫୫ ଜମିକୁ ଜଣେ ସରକାରୀ କର୍ମଚାରୀ ହଡ଼ପ କରିଥିବା ଅଞ୍ଚଳର ଜନଜାତି ସମ୍ପ୍ରଦାୟର ଲୋକମାନେ ଅଭିଯୋଗ କରିଛନ୍ତି। ଏନେଇ ସେମାନେ କନ୍ଧମାଳ ଜିଲାପାଳ ଡ.ବୃନ୍ଦା ଡିଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି। ଅଞ୍ଚଳବାସୀ ଦୀର୍ଘ ବର୍ଷ ଧରି ଉକ୍ତ ଜମିରେ ବାଲାପେନୁ (ଆଦିବାସୀଙ୍କ ଦେବତା)ଙ୍କୁ ପୂଜା କରିଆସୁଥିଲେ। କିନ୍ତୁ ୨୦୧୮ରେ ସମ୍ପୃକ୍ତ କର୍ମଚାରୀ ଉକ୍ତ ପୂଜାସ୍ଥଳକୁ ନଷ୍ଟ କରି ସେହି ଜମିକୁ ନିଜ ଅକ୍ତିଆର କରିନେଇଛନ୍ତି। ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ଶୀଘ୍ର ଏହାର ତଦନ୍ତ କରିବାକୁ ଅଞ୍ଚଳର ଶତାଧିକ ଲୋକେ ଚିଠି ମାଧ୍ୟମରେ ଜିଲାପାଳଙ୍କୁ ଜଣାଇଛନ୍ତି। ଏହା ସମାଧାନ ନ ହେଲେ ଆଗାମୀ ଦିନରେ ଜମିକୁ ନେଇ ଯେଉଁ ଉତ୍ତେଜନା ସୃଷ୍ଟି ହେବ ସେଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ସଂକ୍ଷେପରେ

### କରୋନାରେ ଭାଜପା ନେତାଙ୍କ ମୃତ୍ୟୁ

**ବାଲିଗୁଡ଼ା,୨୩।୯.(ଡ଼ି.ଏନ.ଏ.):** ବାଲିଗୁଡ଼ା ଅଞ୍ଚଳର ପୂର୍ବତନ କ୍ରୀଡାବିତ,ବରିଷ୍ଠ ଭାଜପା ନେତା ବି.ସୁବାସ ଚନ୍ଦ୍ର ପାତ୍ରଙ୍କ ବୁଧବାର କରୋନାରେ ମୃତ୍ୟୁ ଘଟିଛି। ସୁବାସ ଅସୁସ୍ଥତା ଅନୁଭବ କରିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ କୋଭିଡ ପଜିଟିଭ ଚିହ୍ନଟ ହେବା ପରେ ତାଙ୍କୁ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ପରିବାରର ଲୋକେ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କର ଉପସ୍ଥିତିରେ ଶେଷକୃତ ସମ୍ପୂର୍ଣ୍ଣ କରାଯାଇଥିଲା।

### ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

**ପୋଲସରା,୨୩।୯(ଡି.ଏନ.ଏ.):** ବିଭିନ୍ନ ସମସ୍ୟା ନେଇ ପୋଲସରା ବ୍ଲକ ଗାଁ ସାଥି ମଙ୍ଗଳବାର ସ୍ଥାନୀୟ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କିଛି ଦିନ ପୂର୍ବେ ପୋଲସରା ବିଡିଓଙ୍କୁ ଗାଁ ସାଥୀ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ପୁଣି ଥରେ ଦାବିପତ୍ର ଦିଆଯାଇଥିଲା। ବିଡ଼ିଓ ଶମ୍ଭୁନାଥ ନନ୍ଦୀଙ୍କ ଅନୁପସ୍ଥିତି ହେତୁ ବ୍ଲକ ସହକାରୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଲୋଚନା କରିବା ପରେ ୭ ଦିନ ମଧ୍ୟରେ ଏହାର ସମାଧାନ କରିବେ ବୋଲି ଗୌଡ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗାଁସାଥୀ ସଙ୍ଗଠନର ସଦସ୍ୟମାନେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କୁ ଭେଟି ସମସ୍ୟା ବିଷୟରେ ଜଣାଇଥିଲେ। ଯାହାକି ବ୍ଲକ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ବିଧାୟକ କହିଥିଲେ।

### ନିୟମ ଉଲ୍ଲଂଘନ କରି ୨ ଗିରଫ

**ବାଲିଗୁଡ଼ା, ୨୩।୯.(ଡି.ଏନ.ଏ.):** ବାଲିଗୁଡ଼ା ଥାନା ତଗାକିଆରେ ଶତାଧିକ ଲୋକଙ୍କୁ ନେଇ ଏକ ବାହାଘର ଭୋଜି ଚାଲିଥିଲା। କୋଭିଡ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ପୋଲିସ ବର ନକୁଳ ଓ ତାଙ୍କ ବାପା ପରମେଶ୍ୱର ମଲ୍ଲିକଙ୍କୁ ମାମଲା ନଂ. ୧୬୭/୨୦ ଅନୁଯାୟୀ କୋର୍ଟ ଚାଲାଣ କରିଛି। ମଙ୍ଗଳବାର ବାଟାଗୁ ପଞ୍ଚାୟତ ତଗାକିଆ ଗ୍ରାମର ପରମେଶ୍ୱରଙ୍କ ଘରେ ତାଙ୍କ ପୁଅଙ୍କ ବିବାହ ଉତ୍ସବ ଚାଲିଥିଲା। ବାଲିଗୁଡ଼ା ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ବାପା ପୁଅଙ୍କୁ ଗିରଫ କରିବା ସହ ସେଠାରୁ ମାଇକ ସେଟ ଜବତ କରିଛି।

### ୩ ଥର ଏସ୍‌ବିଆଇ ବନ୍ଦ

**ଦାରିଙ୍ଗବାଡ଼ି,୨୩।୯(ଡି.ଏନ.ଏ)-** କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ରହିଥିବା ଏସ୍‌ବିଆଇ ୩ ମାସ ମଧ୍ୟରେ ୩ ଥର ବନ୍ଦ ହୋଇଛି। ଫଳରେ ଗ୍ରାହକମାନେ ହଟହଟା ହୋଇଛନ୍ତି। ବୁଧବାର ଉକ୍ତ ଶାଖାର ଜଣେ କର୍ମଚାରୀଙ୍କ କରୋନା ପଜିଟିଭି ବାହାରିବା ପରେ ବ୍ୟାଙ୍କକୁ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶକ୍ରମେ ୪୮ ଘଣ୍ଟା ଯାଏ ବନ୍ଦ କରିଦିଆଯାଇଛି। ଦାରିଙ୍ଗବାଡ଼ି ବିଡିଓ ଅଭିମନ୍ୟୁ ବେହେରା ଉକ୍ତ ବ୍ୟାଙ୍କକୁ ବିଶୋଧନ କରିବାକୁ ଅଗ୍ନିଶମ ବିଭାଗକୁ ଚିଠି ଲେଖିଛନ୍ତି।

### ୨ ମୋରମ ବୋଝେଇ ଟ୍ରାକ୍ଟର ଜବତ

**ଶେରଗଡ଼,୨୩।୯(ଡି.ଏନ.ଏ.):** ଶେରଗଡ଼ ବ୍ଲକ କରଡ଼ାକଣା ଗ୍ରାମ ନିକଟ ପାହାଡ଼ରୁ ବେଆଇନ ଚାଲାଣ ହେଉଥିବା ୨ ବୋଝେଇ ଟ୍ରାକ୍ଟରକୁ ମଙ୍ଗଳବାର ଜବତ କରାଯାଇଛି। ଦୁଇ ଟ୍ରାକ୍ଟର ମାଲିକଙ୍କଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ ପରେ ଗାଡ଼ିକୁ ଛାଡି ଦିଆଯାଇଛି। ଶେରଗଡ଼ ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ରାଜସ୍ୱ ନିରୀକ୍ଷକ ସୁବ୍ରତ ଶବର ଉକ୍ତ ଚଢ଼ାଉ କରି ୨ ମୋରମ ବୋଝେଇ ଟ୍ରାକ୍ଟରକୁ ଧରିଥିଲେ।

### ମହିଳା ସଂଘଙ୍କ ଆହାର କେନ୍ଦ୍ର ଦାୟିତ୍ୱକୁ ବିରୋଧ

**ଛତ୍ରପୁର,୨୩।୯(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ଥିବା ଆହାର କେନ୍ଦ୍ରଗୁଡିକର ପରିଚାଳନା ଦାୟିତ୍ୱ ମହିଳା ସଂଘ ଗୁଡିକୁ ଦେବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ଗଞ୍ଜାମ ଜିଲ୍ଲା ଆହାର କେନ୍ଦ୍ର କର୍ମଚାରୀ ସଂଘ ପକ୍ଷରୁ ତୀବ୍ର ବିରୋଧ କରି ସୋମବାର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ୪ ବର୍ଷ ହେଲା ଗଞ୍ଜାମ ଜିଲ୍ଲାର ବିଭିନ୍ନ ଆହାର କେନ୍ଦ୍ରରେ ଆମେ କାମ କରିଆସୁଛୁ। କୋଭିଡ୍ ସମୟରେ ମଧ ଆମେ କରୁଛୁ। ଫଳରେ ଲୋକେ ଖାଇବାକୁ ପାଉଛନ୍ତି। ତେବେ ମହିଳା ସଂଘକୁ ଦାୟିତ୍ୱ ଦିଆଗଲେ ଆମେ କାମ ହରାଇବୁ ଆମକୁ କାର୍ଯ୍ୟରୁ ଅପସାରଣ କଲେ କାମ ମିଳିବା କଷ୍ଟକର ହେବ। ଏଥିପାଇଁ ମହିଳା ସଂଘଙ୍କୁ ଆହାର କେନ୍ଦ୍ର ଦାୟିତ୍ୱ ନ ଦେବାକୁ ସଂଘ ପକ୍ଷରୁ ଉକ୍ତ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି।

## ଚାଷୀ, ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା

**ଦିଗପହଣ୍ଡି,୨୩।୯(ଡି.ଏନ୍.ଏ.)**

ସର୍ବଭାରତୀୟ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଙ୍କ ଡାକରା କ୍ରମେ ବୁଧବାର ଦିଗପହଣ୍ଡି ବସଷ୍ଟାଣ୍ଡଠାରେ ସିପିଆଇ, ସିପିଆଇ(ଏମ) ଏବଂ କଂଗ୍ରେସ ସମର୍ଥିତ ଏଆଇଟିୟୁସି, ସିଆଇଟିୟୁ, ଆଇଏନଟିୟୁସି ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ବିରୋଧୀ ଆଇନ ପ୍ରଣୟନ ବିରୋଧରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ସରକାରଙ୍କ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାଙ୍କିଂ, କର୍ପୋରେଟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ସଂକ୍ରାନ୍ତ ଜନବିରୋଧୀ ବିଲ ଗୁଡ଼ିକୁ ପାର୍ଲାମେଣ୍ଟରେ ଅନୁମୋଦନ କରିଛନ୍ତି, ଯାହାକି ଗଣତନ୍ତ୍ର ବିରୋଧୀ। କେନ୍ଦ୍ର ସରକାରଙ୍କ କୃଷକ ସଶକ୍ତୀକରଣ ବିଲରେ ନାମମାତ୍ର ଓ କ୍ଷୁଦ୍ର ଚାଷୀମାନେ ଘୋର କ୍ଷତିର ସମ୍ମୁଖୀନ ହେବେ। ଚାଷୀଙ୍କ ପାଇଁ ସରକାରୀ ସ୍ତରରେ ପ୍ରଚଳିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବ୍ୟବସ୍ଥା ଉଚ୍ଛେଦ ପାଇଁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର ଚଳାଇଥିବା ନେଇ ଅଭିଯୋଗ କରିଥିଲେ। ଏହି ମହାମାରୀରେ କେନ୍ଦ୍ର ସରକାର ବିଭିନ୍ନ ଆଇନ ଗୁଡିକର ସଂଶୋଧନ, ବାତିଲ କିମ୍ବା ବିକୃତ କରିଛନ୍ତି ତାହା ସମ୍ବିଧାନ ବିରୋଧୀ। କେନ୍ଦ୍ର ସରକାର ୧୧ ଟି ଅଧ୍ୟାଦେଶ ଜାରି କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ପାର୍ଲାମେଣ୍ଟ ଅଧିବେଶନକୁ ବିରୋଧ କରି ଦେଶବ୍ୟାପୀ ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ ଏହି ବିକ୍ଷୋଭ ହୋଇଥିଲା। କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ଗଞ୍ଜାମ ଜିଲା କମିଟି କର୍ମକର୍ତ୍ତା ଅଶ୍ୱିନୀ ଦାସ, କୁରେଶୁ ପଣ୍ଡା, ପି. ଶିବଶଙ୍କର, ଉଜ୍ଜ୍ୱଳ ସାହୁ, ଭି. ସୁଦର୍ଶନ ରାଜୁ, ସିପିଆଇ ଜୋନାଲ କମିଟି ସମ୍ପାଦକ କିଶୋର ଶତପଥୀ, ତପନ କୁମାର ମିଶ୍ର, ସମୀର ଚନ୍ଦ୍ର ମିଶ୍ର, ଦୈତାରି ରେଡ୍ଡୀ, ମୂଷା ବେହେରା, ଜେ. ମିଟୁ ରାଓ, ଗଞ୍ଜାମ ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଫୁଲ୍ଲ ପଣ୍ଡା, କାର୍ଯ୍ୟକର୍ତ୍ତା ନୀଳକଣ୍ଠ ପଟ୍ଟନାୟକ, କେ. କୁନା, ଏମ. ବାଇ ନାଥ, ଭଗବାନ ସ୍ୱାଇଁ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ପ୍ରତିବାଦ ସଭାରେ ପାର୍ଟି କାର୍ଯ୍ୟକର୍ତ୍ତା ଓ କର୍ମୀ ବୃନ୍ଦ।

## ଗିରଫ ୨ ଲୁଟେରା ଗଲେ ଜେଲ

### ୨ ବାଇକ୍, ୫ ମୋବାଇଲ ଜବତ

**ଦିଗପହଣ୍ଡି,୨୩।୯(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ବୁଧବାର ୨ ଲୁଟେରାଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ଅଧୀନ ବନ୍ଧପଲ୍ଲୀ ଗ୍ରାମରେ ରହୁଥିବା ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଝରପାରି ଅଞ୍ଚଳର ନନ୍ଦନ ବେହେରା ଏବଂ ଅଜିତ ସ୍ୱାଇଁ। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ ଗତ ୧୩ ତାରିଖରେ ଜଣେ ଛାତ୍ରୀଙ୍କୁ ରାସ୍ତାରେ ଅଟକାଇ ତାଙ୍କ ମୋବାଇଲ ଫୋନକୁ ଛଡାଇ ବାଇକ୍ ଯୋଗେ ଚମ୍ପଟ ମାରିଥିଲେ। ଏନେଇ ପୋଲିସ ନଂ.୨୦୬/୨୦ରେ ମାମଲା ରୁଜୁ କରିଥିଲା। ସୋମବାର ରାତିରେ ପୋଲିସ ହରଡାଖଣ୍ଡି ଛକରୁ ଅଜିତଙ୍କୁ ଗିରଫ କରିବା ସହ ଅଭିଯୁକ୍ତଙ୍କ ସୂଚନାକୁ ଆଧାର କରି ବନ୍ଧପଲ୍ଲୀ ଗାଁରେ ଚଢାଉ କରି ନନ୍ଦନଙ୍କୁ ଧରିଥିଲା। ଅଭିଯୁକ୍ତ ଦ୍ୱୟଙ୍କ ନିକଟରୁ ୨ ଟି ଚୋରା ବାଇକ୍ ସହ ୫ଟି ମୋବାଇଲ ଫୋନ୍‌କୁ ଜବତ କରାଯାଇଛି।



ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ଡିଏସ୍‌ଓର ବିକ୍ଷୋଭ।

## ଅଧ୍ୟାପକ ପଦବୀ ପୂରଣ ନ କଲେ ଆନ୍ଦୋଳନ

**ବ୍ରହ୍ମପୁର ଅଫିସ,୨୩।୯**

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଏସ୍‌ଓର ଦାବିପତ୍ର

ଗଞ୍ଜାମ ଜିଲାର ମହାବିଦ୍ୟାଳୟଗୁଡିକରେ ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ନେଇ ଅଲ ଇଣ୍ଡିଆ ଡେମୋକ୍ରେଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ(ଡିଏସ୍‌ଓ) ଦାବି କରିଛି। ଏ ନେଇ ବୁଧବାର ସଂଗଠନ ପକ୍ଷରୁ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସି ଟି. ଆଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ବ୍ରହ୍ମପୁରଠାରେ ଥିବା ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ଶଶିଭୂଷଣ ରଥ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ସମେତ ଜିଲାର ସମସ୍ତ ମହାବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ବିଭିନ୍ନ ବିଭାଗର ଅଧ୍ୟାପକ ପଦବୀ ଖାଲିପଡ଼ିଛି। ଫଳରେ ବିଦ୍ୟାର୍ଥୀଙ୍କୁ ପଢାରେ ବାଧାପ୍ରାପ୍ତ ହେଉଥିବା ସଂଗଠନ କହିଛି। ଏନେଇ ବହୁବାର ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଣାଯାଉଥିଲେ ମଧ୍ୟ ସରକାର ଖାଲିଥିବା ଅଧ୍ୟାପକ ପଦବୀ ପୂରଣରେ ଅବହେଳା କରୁଥିବା ସଂଗଠନ ଅଭିଯୋଗ କରିଛି। ଏଥିସହ ଆଙ୍କୁଶପୁର ସ୍ଥିତ କେଏଟିଏସ୍ ଆୟୁର୍ବେଦ ମହାବିଦ୍ୟାଳୟ ଓ ବିଜୁ ପଟ୍ଟନାୟକ ହୋମିଓପାଥ ମହାବିଦ୍ୟାଳୟରେ ଖାଲିଥିବା ଅଧ୍ୟାପକ, ଟେକ୍ନିସିଆନ, କିରାଣି ପଦବୀ ପୂରଣ କରିବାକୁ ସଂଗଠନ ଦାବି କରିଛି। ତୁରନ୍ତ ଖାଲିଥିବା ପଦବୀ ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବା ବୋଲି ସଂଗଠନ ଚେତାବାନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ଅଲ ଇଣ୍ଡିଆ ଡିଏସ୍‌ଓର ରାଜ୍ୟ ଉପସଭାପତି ସୋମନାଥ ବେହେରା, ଗଞ୍ଜାମ ଜିଲା ସଭାପତି ଶିବାନୀଶଙ୍କର ମିଶ୍ର, ସମ୍ପାଦକ ନିମାଇଁଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ବିଲ୍ ପ୍ରତିବାଦରେ ଆନ୍ଦୋଳନ ଡାକରା

**ବ୍ରହ୍ମପୁର ଅଫିସ,୨୩।୯:** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରେରିତ କୃଷି ବିଲ୍‌କୁ ଅଖିଳ ଭାରତୀୟ କିଷାନ୍ ସଂଘର୍ଷ କୋଡିନେଶନ୍ କମିଟି ତୀବ୍ର ବିରୋଧ କରିଛି। ଏହାର ପ୍ରତିବାଦରେ ଶୁକ୍ରବାର ସର୍ବଭାରତୀୟ ସ୍ତରରେ କମିଟି ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି କ୍ରମରେ ବ୍ରହ୍ମପୁରର ପୁରୁଣାବସଷ୍ଟାଣ୍ଡଠାରେ କେନ୍ଦ୍ରସରକାରଙ୍କ କୃଷକ ବିରୋଧୀ କୃଷି ଆଇନ୍ ବିରୋଧରେ ବିକ୍ଷୋଭ କରାଯିବ। ମଙ୍ଗଳବାର ଅଖିଳ ଭାରତୀୟ କିଷାନ୍ ସଂଘର୍ଷ କୋଡିନେଶନ କମିଟି ଗଞ୍ଜାମ ଜିଲା ଶାଖା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। କେନ୍ଦ୍ର ସରକାର ସଂସଦରେ ଗୃହୀତ କରିଥିବା ବର୍ତ୍ତମାନର କୃଷି ବିଲ ସମ୍ବିଧାନର ଉଲଂଘନ। ଏହାଦ୍ୱାରା ରାଜ୍ୟର ୯୨ ଭାଗ କୃଷକ କ୍ଷତିଗ୍ରସ୍ତ ହେବା ସହ କୃଷକମାନଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହେବ ବୋଲି କମିଟି କହିଛି। ଏହାକୁ ତୁରନ୍ତ ବାତିଲ କରିବାକୁ କମିଟି ଦାବି କରିଛି। ଖବରଦାତା ସମ୍ମିଳନୀରେ ଓଡିଶା କୃଷକ ସଭା ଗଞ୍ଜାମ ଜିଲା କମିଟିର ସଭାପତି ଗୋପାଳ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ବସନ୍ତ ନନ୍ଦ, ଜିଲା ସମ୍ପାଦକ ପି. ହରିକୃଷ୍ଣ ରେଡ୍ଡୀ, ଅଖିଳ ଭାରତ କିଷାନ ମଜଦୁର ସଭା ରାଜ୍ୟ ସମ୍ପାଦକ ଭାଲଚନ୍ଦ୍ର ଷଡଙ୍ଗୀ, ଏଆଇକେକେଏସ ନେତ୍ରୀ ପି. ପାର୍ବତୀ, ଅଖିଳ ଭାରତ କୃଷକ ସଭା(ଏଆଇକେଏସ) ଗଞ୍ଜାମ ଜିଲା ଶାଖା ଉପସଭାପତି ରଙ୍ଗନାଥ ସ୍ୱାଇଁ, ଏଆଇକେଏସର ନେତା ସୁଦର୍ଶନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଗୁଡ଼ା ବନାଞ୍ଚଳରେ ହାତୀ ଆତଙ୍କ

**ବୁଗୁଡ଼ା,୨୩।୯(ଡି.ଏନ.ଏ.)**

ବୁଗୁଡ଼ା ବନାଞ୍ଚଳରେ ୬ ମାସ ହେଲା କୌଣସି ହାତୀପଲ ଦେଖିବାକୁ ମିଳୁ ନ ଥିବା ବେଳେ ଗତ ୧୫ ଦିନ ତଳେ ଖୋର୍ଦ୍ଧା ଓ ନୟାଗଡ଼ ଜଙ୍ଗଲରୁ ୮ ହାତୀ ସ୍ଥାନୀୟ ବନାଞ୍ଚଳ ଅନ୍ତର୍ଗତ କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ପହଞ୍ଚିଥିଲେ। ତେବେ ୨ ଦିନ ତଳେ ପୁଣି ନୟାଗଡ଼ ଜଙ୍ଗଲରୁ ଆଉ ୮ ହାତୀପଲ ଆସି ଏଠାରେ ପହଞ୍ଚିବା ପରେ ହାତୀସଂଖ୍ୟା ବର୍ତ୍ତମାନ ୧୬କୁ ବୃଦ୍ଧି ପାଇଛି। ଏହି ହାତୀପଲରେ ୫ ଛୁଆ, ୨ ଦନ୍ତା ଓ ୯ ମାଇ ହାତୀ ଥିବା ଜଣାପଡ଼ିଛି। କିରିଆମ୍ବା ଜଙ୍ଗଲର ସବୁଜିମା ଏବଂ ଜଳାଶୟ ପ୍ରତି ଆକର୍ଷିତ ହୋଇ ହାତୀପଲ ଏଠାକୁ ଆସିଥିବା କୁହାଯାଉଛି। ସୋମବାର ରାତିରେ ଜେକ ଗ୍ରାମ ନିକଟସ୍ଥ ଏକ ଫସଲ କିଆରିର ଗୋଟିଏ ଦନ୍ତାହାତୀ ସଂସାରୀ ପ୍ରଧାନଙ୍କୁ ଆକ୍ରମଣ କରିଥିବା ଭୟରେ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରୁ ନାହାନ୍ତି। ତେବେ ବୁଗୁଡ଼ା ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇ ହାତୀଙ୍କୁ ଘଉଡ଼ାଇବା ଲାଗି ଉଦ୍ୟମ କରାଯାଉଛି। ହାତୀପଲ ଦିନବେଳେ ଜଙ୍ଗଲ ଭିତରେ ରହି ରାତି ହେଲେ ଗ୍ରାମ ନିକଟବର୍ତ୍ତୀ ଫସଲ କିଆରି ଆଡ଼କୁ ମାଡ଼ି ଆସନ୍ତି। ହାତୀ ଆକ୍ରମଣ ଘଟିବା ପରେ ବିଭାଗ ପକ୍ଷରୁ ରାତ୍ର ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ରାତି ସାରା ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରାଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ଶଙ୍କର୍ଷଣ ବେହେରା, ପ୍ରଭାକର ନାୟକ ପ୍ରମୁଖ କିରିଆମ୍ବା, ଝାଡ଼ପଡ଼ା, କଣ୍ଟାବଣି, ମହୁଲପଲ୍ଲୀ ଓ ନୂଆପଲ୍ଲୀ ଆଦି ଗ୍ରାମ ବୁଲି ହାତୀ ପଲଙ୍କୁ ଘଉଡ଼ାଇବା ଉଦ୍ୟମ କରିବା ସହ ଲୋକଙ୍କୁ ମଧ୍ୟ ସଚେତନ କରିଥିଲେ।

## କୋଭିଡ୍ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ଦାବି

**ଫୁଲବାଣୀ ଅଫିସ, ୨୩।୯**


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା କୋଭିଡ୍ ହସ୍ପିଟାଲରେ ରୋଗୀ ସେବା ଠିକ୍ ହେଉନାହିଁ। ଏଠାରେ ଆବଶ୍ୟକ ଭେଣ୍ଟିଲେଟର ଏବଂ ଆଇସିୟୁ ନାହିଁ। ଏଭଳି ପରିସ୍ଥିତିରେ ରୋଗୀ ସେବା କିପରି ପାଇପାରିବେ। ଏଭଳି ସଙ୍ଗିନ ଅଭିଯୋଗ ଆଣିଛି ଜିଲା ବାର ଆସୋସିଏଶନ। ଏ ନେଇ ବୁଧବାର ବାର ଆସୋସିଏଶନ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ମୁଖ୍ୟ ଚକିତ୍ସାଳୟ ପରିସରରେ ଥିବା କୋଭିଡ୍ ହସ୍ପିଟାଲରେ ଚିକିତ୍ସା ଲାଗି ସୁ ବ୍ୟବସ୍ଥା ନାହିଁ। ଫଳରେ ରୋଗୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ହସ୍ପିଟାଲରେ ଉତ୍ତମ ଚିକିତ୍ସା ସୁବିଧା ନ ଥିବାରୁ ରୋଗୀମାନଙ୍କୁ ଭୁବନେଶ୍ୱର ପଠାଯାଉଛି। ହେଲେ ଅଧିକାଂଶଙ୍କର ସେଠାରେ ମୃତ୍ୟୁ ଘଟୁଛି। ଏପରିକି ମୃତକଙ୍କ ପରିବାରକୁ ଠିକ୍ ତଥ୍ୟ ପ୍ରଦାନ କରାଯାଉନାହିଁ। ଗତ ୧୫ ତାରିଖରେ ଫୁଲବାଣୀ ଭିଜିଲାନ୍ସ ଏପିପି ସୁରେଶ ମହାପାତ୍ରଙ୍କୁ କରୋନା ଯୋଗୁ ଭୁବନେଶ୍ୱରର ମେଡିକାଲକୁ ପଠାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁର ୧୮ ଘଣ୍ଟା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଏହା ପ୍ରମାଣିତ କରୁଛି ଯେ, ମହାପାତ୍ରଙ୍କର ଚିକିତ୍ସାରେ ଅବହେଳା କରାଯାଇଛି। ତେଣୁ ମୃତ୍ୟୁର ଏକ ଉଚ୍ଚ ସ୍ତରୀୟ ତଦନ୍ତ ହେବା ଦରକାର। ଏଥିସହ ଜିଲାପାଳଙ୍କ ମଧ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଶେଷ କରି କରୋନା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଦାବି କରାଯାଇଛି। କୋଭିଡ ହସ୍ପିଟାଲରେ ଆବଶ୍ୟକ ମୁତାବକ ଷ୍ଟାଫ, ବିଶେଷଜ୍ଞ ଡାକ୍ତର, ମେଡିସିନି ଏବଂ ଆବଶ୍ୟକ ପରିମାଣର ଭେଣ୍ଟିଲେଟର ଏବଂ ଆଇସିୟୁର ବ୍ୟବସ୍ଥା ନିହାତି ଦରକାର। କୋଭିଡ ମେଡିକାଲରେ ପରିଛନ୍ନତା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ରୋଗୀଙ୍କୁ ଯେଉଁ ଖାଦ୍ୟ ଦିଆଯାଉଛି ତାହା ଅତ୍ୟନ୍ତ ନିମ୍ନମାନର। ରୋଗୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଶୀଘ୍ର ଏସବୁ ସମସ୍ୟାର ସମାଧାନ କରିବାକୁ ବାର ଆସୋସିଏଶନର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ସଦସ୍ୟ ଭଗବାନ ମହାନ୍ତି, ଆଇନଜୀବୀ ଚନ୍ଦ୍ରଶେଖର ପରିଡ଼ା, ଏପିପି ପ୍ରତାପ ପାତ୍ର ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

